# ମରୁଡ଼ି ହଟାଇପାରିନି ମାନଜୋର


ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପ।

**ଆଠମଲ୍ଲିକ,୧୪।୬ (ଡି.ଏନ.ଏ.)**

■ କଚ୍ଛପ ଗତିରେ ଚାଲିଛି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ
■ ୨୫ ବର୍ଷ ପରେ ମଧ୍ୟ ହୋଇପାରିନି ଲୋକାର୍ପଣ
■ ଟେଣ୍ଡର ଅପେକ୍ଷାରେ ବାମପାର୍ଶ୍ୱ କେନାଲ ସମ୍ପ୍ରସାରଣ

ମରୁଡ଼ି ହଟିଲେ ହସିବ ଆଠମଲ୍ଲିକ। ସବୁଜିମାରେ ଭରିଯିବ କୃଷକଙ୍କ ମନ। ତେଣୁ ଜଳସେଚନ ପ୍ରକଳ୍ପଟିଏ ପାଇଁ ଚାଷୀ ଓହ୍ଲାଇଥିଲେ ରାସ୍ତାକୁ। ଜେଲଭରୋ ଆନ୍ଦୋଳନ ମାଧ୍ୟମରେ କଡ଼ା ବାର୍ତ୍ତା ଦେଇଥିଲେ ରାଜ୍ୟ ସରକାରଙ୍କୁ। ଏହାପରେ ଚଳଚଞ୍ଚଳ ହୋଇଥିଲା ଜଳସମ୍ପଦ ବିଭାଗ। ରୂପରେଖ ପ୍ରସ୍ତୁତ କରାଯାଇଥିଲା ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର। ହେଲେ ଶୁଭାରମ୍ଭର ୨୫ ବର୍ଷ ପରେ ମଧ୍ୟ ଚାଷୀଙ୍କ ଉଦ୍ଦେଶ୍ୟରେ ଏହା ଲୋକାର୍ପିତ ହୋଇପାରି ନାହିଁ। କଚ୍ଛପ ଗତିରେ କାର୍ଯ୍ୟ ଚାଲୁଥିବାରୁ ମରୁଡ଼ି ସମ୍ପୂର୍ଣ୍ଣ ଦୂର କରିବାରେ ସଫଳ ହୋଇନି। ବାମପାର୍ଶ୍ୱ କେନାଲ ସମ୍ପ୍ରସାରଣ ଏବେ ଟେଣ୍ଡର ଅପେକ୍ଷାରେ ଥିବାବେଳେ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ବି ପ୍ରସ୍ତାବରେ ଅଟକି ଯାଇଛି।

ଅନୁଗୋଳ ଜିଲା ଆଠମଲ୍ଲିକ ମହାନଦୀ ଅବବାହିକାର ମନଜୋର ଠାରେ ୧୯୯୬ରେ ନାବାର୍ଡ ସହାୟତାରେ ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ଆରମ୍ଭ ହୋଇଥିଲା। ଏହାର ପ୍ରାରମ୍ଭିକ ବ୍ୟୟ ଅଟକଳ ଥିଲା ୩୭ କୋଟି ୭୦ ଲକ୍ଷ ଟଙ୍କା। ପରବର୍ତ୍ତୀ ସମୟରେ ଏହା ୨୨୬ କୋଟିକୁ ବୃଦ୍ଧି ପାଇଥିଲା। ହେଲେ ନିର୍ମାଣ ଶେଷ ହେଉ ନ ଥିବାରୁ ଉକ୍ତ ବ୍ୟୟ ବରାଦ ଏବେ ୪୨୦ କୋଟି ଟଙ୍କାରେ ପହଞ୍ଚିଛି। ଏହି ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୬୭୭୫ ହେକ୍ଟର ଓ ରବି ଋତୁରେ ୪୩୩୬ ହେକ୍ଟର ଜମିକୁ ଜଳସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ଖରିଫ ଋତୁରେ ୫୭୧୩ ହେକ୍ଟର ଓ ରବିରେ ୨୦୦୦ ହେକ୍ଟରକୁ ପାଣି ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ଏହାକୁ ଚାଷୀମାନେ ଅସ୍ୱୀକାର କରୁଛନ୍ତି। ସେହିପରି ବାମପାର୍ଶ୍ୱ ମୁଖ୍ୟ କେନାଲ ସମ୍ପ୍ରସାରଣ କରାଯାଇ ଅଧିକ ୨୦୧୩ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯିବାର ଯୋଜନା କରାଯାଇଛି। ଏଥିପାଇଁ ୭୨ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଅଦ୍ୟାବଧି ଟେଣ୍ଡର ହୋଇପାରି ନାହିଁ। ଦୀର୍ଘବର୍ଷ ପରେ ମଧ୍ୟ ମାନଜୋର କାର୍ଯ୍ୟ ଶେଷ ହେଉ ନ ଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ସେହିପରି ବୁଡ଼ି ଅଞ୍ଚଳର ବହୁ ପରିବାର ଥଇଥାନ ହୋଇ ନ ଥିବା ଓ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରୁଛନ୍ତି। ଅନେକ ପରିବାର ଅଦାଲତର ଆଶ୍ରୟ ନେଇଛନ୍ତି। ବିଭିନ୍ନ ଥଇଥାନ କଲୋନିରେ ମୌଳିକ ସୁବିଧା ଉପଲବ୍ଧ ନାହିଁ। ପାତ୍ରପଡା ବିସ୍ଥାପିତଙ୍କୁ ମିଳିଥିବା ଜମି ଜବରଦଖଲରେ ରହିଛି। ପ୍ରକୃତି କୋଳରେ ଥିବା ମାନଜୋର ଜଳସେଚନ ପ୍ରକଳ୍ପ ଅଞ୍ଚଳର ମନୋରମ ଦୃଶ୍ୟ ଦେଖିବାକୁ ବର୍ଷତମାମ ପର୍ଯ୍ୟଟକ ଆସୁଛନ୍ତି। ମାନଜୋରୀ ଦେବୀ ପୀଠ, ପାହାଡ଼ ଘେରା ଜଙ୍ଗଲରେ ଭୋଜି କରୁଛନ୍ତି। କିନ୍ତୁ ଏଠାରେ ପର୍ଯ୍ୟଟନର ଉନ୍ନତି ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ବିଶେଷକରି ନୌବିହାର ବ୍ୟବସ୍ଥା କରାଯାଉ ନାହିଁ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମାନଜୋର ପ୍ରକଳ୍ପ ଗସ୍ତ ବେଳେ ପର୍ଯ୍ୟଟନ କେନ୍ଦ୍ର ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ। ହେଲେ ମାନଜୋରକୁ ପର୍ଯ୍ୟଟନ ମାନ୍ୟତା ଏଯାଏ ମିଳିପାରି ନାହିଁ।

### ଜମିକୁ ଠିକ୍‌ଭାବେ ପାଣି ମାଡୁନି



"ମାନଜୋର ପ୍ରକଳ୍ପରୁ ଛଡ଼ାଯାଉଥିବା ପାଣି ଦ୍ୱାରା ୫ ହଜାର ହେକ୍ଟର ଜମି ଜଳସେଚିତ ହେଉଥିବା ବିଭାଗ ପକ୍ଷରୁ ଯାହା କୁହାଯାଉଛି, ତାହ ସତ୍ୟ ନୁହେଁ। ବାସ୍ତବରେ କେନାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଜମିକୁ ସୁଚାରୁ ରୂପେ ପାଣି ମାଡୁନି। ଦୀର୍ଘବର୍ଷ ପରେ ମଧ୍ୟ ମନଜୋର କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ଦୁଃଖଦାୟକ।

-ଦେବେନ୍ଦ୍ର ପ୍ରଧାନ, ସଭାପତି, ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା

### ବିସ୍ଥାପିତଙ୍କ ଦୁଃଖ ଦୂର ହେଉନି



"ରଣିଆକଟା, କଦଳୀମୁଣ୍ଡା ପଞ୍ଚାୟତର ବିସ୍ଥାପିତ ପରିବାରଙ୍କ ପୁନଃବସତି ଓ ଥଇଥାନ ବ୍ୟବସ୍ଥା କରାଯାଉ ନାହିଁ। ସରକାର ଜଳସେଚନକୁ ଗୁରୁତ୍ୱ ଦେଉଥିବା ନେଇ ପ୍ରଚାର କରୁଥିଲେ ମଧ୍ୟ ବିସ୍ଥାପିତମାନଙ୍କ ଦୁଃଖ ଦୂର ହୋଇପାରୁ ନାହିଁ। ଏପରି ବିଳମ୍ବକୁ ନେଇ ସରକାରଙ୍କ ଉପରୁ ଆସ୍ଥା ତୁଟିଯାଉଛି।

-ରଘୁନାଥ ପ୍ରଧାନ, ସମ୍ପାଦକ, ମାନଜୋର କ୍ଷତିଗ୍ରସ୍ତ ପ୍ରଜାମଣ୍ଡଳୀ

### ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ



"କେତେଜଣ ବିସ୍ଥାପିତ ପୁନର୍ବାସ ଓ ଥଇଥାନ ଅପେକ୍ଷାରେ ଅଛନ୍ତି। ସେମାନଙ୍କ ସମ୍ପର୍କରେ ସରକାରଙ୍କଠାରେ ଦାବି ଉପସ୍ଥାପିତ କରାଯାଇଛି। ବାମପାର୍ଶ୍ୱ କେନାଲ ସମ୍ପ୍ରସାରଣ ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ଅଛି। ଖୁବ୍‌ଶୀଘ୍ର ଏହାର ଟେଣ୍ଡର କରାଯିବ। ପର୍ଯ୍ୟଟନ କେନ୍ଦ୍ର କରିବାକୁ ପ୍ରସ୍ତାବ ଦିଆଯାଇଛି।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

### ପର୍ଯ୍ୟାୟକ୍ରମେ ଉନ୍ନୟନମୂଳକ କାର୍ଯ୍ୟ ହେବ



"ବର୍ତ୍ତମାନ ୫୭୧୩ ହେକ୍ଟର ଜମିକୁ ପାଣି ଦିଆଯାଉଛି। କେନାଲ ସମ୍ପ୍ରସାରଣ ପରେ ଅଧିକ ୨୦୧୩ ହେକ୍ଟର ଜଳସେଚିତ ହୋଇପାରିବ। ଗତବର୍ଷ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ହୋଇଛି। ବାକି ବିସ୍ଥାପିତଙ୍କ ପାରିପାର୍ଶ୍ୱିକ ଉନ୍ନୟନମୂଳକ କାର୍ଯ୍ୟ ପର୍ଯ୍ୟାୟକ୍ରମେ ହେବ। ଅଭିଯୋଗ ମିଳିଲେ କେନାଲ ପୁନରୁଦ୍ଧାର କରାଯାଇ ପାଣି ଯୋଗାଇ ଦିଆଯିବ।

-ସୁବ୍ରତ ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ମାନଜୋର ପ୍ରକଳ୍ପ

## ସଂକ୍ଷେପରେ

### ଆଖିବୁଜିଲେ ଜେଜ, ନାତୁଣୀ

**ବନ୍ତଳା,୧୪।୬(ଡି.ଏନ.ଏ.):** ମାତ୍ର କେଇ ଘଣ୍ଟା ବ୍ୟବଧାନରେ ଆଖି ବୁଜିଛନ୍ତି ଜେଜ ଓ ନାତୁଣୀ। କରୋନାରେ ସଂକ୍ରମିତ ଜେଜ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ପଜିଟିଭ୍ ଚିହ୍ନଟ ହୋଇଥିବା ନାତୁଣୀ ଘରେ ସଙ୍ଗରୋଧରେ ଥିଲେ। ଉଭୟଙ୍କ ମୃତଦେହ କରଡ଼ାଗାଡ଼ିଆ ଶ୍ମଶାନରେ ଦାହ କରାଯାଇଛି। ଏହି ଘଟଣା ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ପୋକତୁଙ୍ଗା ଗ୍ରାମର ଅର୍ଜୁନ ବେହେରା (୭୦)କରୋନାରେ ଆକ୍ରାନ୍ତ ହୋଇ ନାଲ୍‌କୋ ଇଏସ୍‌ଆଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୋମବାର ସକାଳେ କରଡ଼ାଗାଡ଼ିଆ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଥିଲା। ଏହି ଘଟଣାର କିଛି ସମୟ ପରେ ଅର୍ଜୁନଙ୍କ ନାତୁଣୀ ଶିବାନୀ ବେହେରା (୧୮) ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅପରାହ୍ନରେ କରଡ଼ାଗାଡ଼ିଆଠାରେ ତାଙ୍କ ମୃତଦେହ ଦାହ କରାଯାଇଥିଲା। ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗ୍ରାମର ୪୫ ବର୍ଷରୁ ଉର୍ଦ୍ଧ୍ୱ ୨୫୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି।

### ଦୁର୍ଘଟଣାରେ ଯୁବକ ଗୁରୁତର

**ଛେଣ୍ଡିପଦା,୧୪।୬(ସ୍ୱ.ପ୍ର.):** ଜରପଡା ଥାନା ଜରପଡା ରେଲୱେ ଓଭର ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ବାଇକରୁ ଖସିପଡ଼ି ମାଟିଗାଡିଆ ଗ୍ରାମର ଅନି ମାଝୀ(୩୦) ଗୁରୁତର ହୋଇଛନ୍ତି। ଅନି ବାଇକ ଯୋଗେ ଜରପଡା ଯାଉଥିଲେ। ଓଭରବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ବାଇକରୁ ରେଲୱେ ଟ୍ରାକ୍ ଉପରେ ଖସି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ପବିତ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

**କଣିହାଁ,୧୪।୬(ଡି.ଏନ.ଏ.):** ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ଅବସରରେ ପବିତ୍ରନଗର ମିନି ଷ୍ଟାଡିୟମସ୍ଥିତ ସ୍ମୃତିପୀଠରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ମୁକେଶ ପାଲ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ବଜାର କମିଟି, ପବିତ୍ରନଗର କ୍ଲବ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ମଧ୍ୟ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କରାଯାଇଥିଲା। କରୋନା କଟକଣା ପାଇଁ କୌଣସି କାର୍ଯ୍ୟକ୍ରମ ତଥା ସଭା ସମିତି ହୋଇ ନ ଥିଲା।

### ଗାଡ଼ି ଚାଳକଙ୍କୁ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ, ୧୪।୬:** ଅନୁଗୋଳ ସଦର ଥାନା କୁଇଓ ଠାରେ ରବିବାର ମଧ୍ୟାହ୍ନରେ ୨ଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ଶାକସିଙ୍ଗାର ଦୁଷ୍ମନ୍ତ ଦେହୁରୀ(୩୫)ଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିଲା। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ସିପୁନ୍ ବେହେରା(୨୩)ଙ୍କୁ ପୋଲସି ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ପୋଲିସ ଜବତ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ତୁସାର ମହାନ୍ତି କହିଛନ୍ତି।

### ମାଡ଼ ମାରିବା ଅଭିଯୋଗରେ ୩ ଗିରଫ

**କଣିହାଁ,୧୪।୬(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ କୁଲେଇ ଗ୍ରାମରେ ଥିବା ଘରୋଇ କମ୍ପାନୀ ଓପିସିଏଲ କର୍ମଚାରୀଙ୍କୁ ମାଡ ମାରିବା ଘଟଣାରେ ସମଲ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଲେଇ ଗ୍ରାମର ବାଜିଆ ମହାନ୍ତି, ଟୁନୁ ମହାନ୍ତି ଓ ସୁମନ୍ତ ମହାନ୍ତି। ପୋଲିସ କହିଛି, ସମ୍ପୃକ୍ତ ତିନିଜଣ କମ୍ପାନୀର ଉପରିସ୍ଥ କର୍ମଚାରୀଙ୍କୁ ଚାନ୍ଦା ଉଦ୍ଦେଶ୍ୟରେ ମାଡ଼ ମାରିବା ସହିତ ଧମକ ଚମକ ଦେଇଥିଲେ। ଏ ନେଇ କମ୍ପାନୀ ତରଫରୁ ଅଭିଯୋଗ କ୍ରମେ ରବିବାର ନଂ. ୧୩୪/୨୦୨୧ରେ ମାମଲା ରୁଜୁ ହୋଇଥିବା ଏସଆଇ ରାମଚନ୍ଦ୍ର ମାହାଲିକ ସୂଚନା ଦେଇଛନ୍ତି।



ଧ-୨୦୮୮୯

### ଚୋରା କେନ୍ଦୁପତ୍ର ବୋଝେଇ ଗାଡ଼ି ଜବତ



**କଣିହାଁ,୧୪।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରେ ରବିବାର ରାତିରେ କଣିହାଁ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ କେନ୍ଦୁପତ୍ର ବୋଝେଇ କାର୍ ଜବତ କରାଯାଇଛି। ଉକ୍ତ ଗାଡ଼ିରୁ ୫୫ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରି କହିଛନ୍ତି, ବନବିଭାଗ କର୍ମଚାରୀମାନେ ରାତିରେ ପାଟ୍ରୋଲିଂ କରୁଥିବାବେଳେ କଂସମୁଣ୍ଡା ଗ୍ରାମରେ ଚୋରା କେନ୍ଦୁପତ୍ର କାରବାର ସମ୍ପର୍କରେ ସୂଚନା ମିଳିଥିଲା। ଫରେଷ୍ଟର ପ୍ରଦୀପ ପ୍ରଧାନ, ହରେକୃଷ୍ଣ ଦେହୁରୀଙ୍କ ସହିତ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ କାର ଚାଳକ ଓ ଅନ୍ୟମାନେ ଫେରାର ହୋଇଯାଇଥିଲେ। ବନବିଭାଗ ଏକ କାର (ନଂ. ଜେଏଚ୦୫ଏଲ-୮୪୦୦)କୁ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦୀପଦାନ

**ଆଠମଲ୍ଲିକ,୧୪।୬(ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡର ବରିଷ୍ଠ ଖବରଦାତା ପ୍ରଦୀପ କୁମାର ଘିବାଲାଙ୍କ ମୃତ୍ୟୁରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କରାଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖବରଦାତା ତଥା ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ବିନୟ ପଟ୍ଟନାୟକ, ସଭ୍ୟ କମଳାକାନ୍ତ ମିଶ୍ର, ଆଇନଜୀବୀ ଜିତେନ ମୁଖି, ସନ୍ତୋଷ ତ୍ରିପାଠୀ, ରଞ୍ଜନ ବେହେରା, ଜିତେନ ମିଶ୍ର, ସମ୍ପାଦକ ବିନାୟକ ଗୋଦୁକା, ଉମେଶ ଅଗ୍ରୱାଲ, ପବିତ୍ର ସାହୁ, ନାଗରିକ ଅମୀୟ ଦାଶ, ନନ୍ଦ କିଶୋର ତ୍ରିପାଠୀ, ଶିକ୍ଷକ ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରଦୀପଙ୍କ ମୃତ୍ୟୁକୁ ନେଇ କଂଗ୍ରେସ ନେତା ଅମରନାଥ ପ୍ରଧାନ, ରାଜ୍ୟ ଛାତ୍ର ବିଜେଡି ଯୁଗ୍ମ ସମ୍ପାଦକ ପ୍ରକାଶ ଡାଙ୍ଗ, ଭାଜପା ନେତା ଭବାନୀଶଙ୍କର ଜ୍ୟୋତିଷରାୟ, କଂଗ୍ରେସ ନେତା ବିଜୟାନନ୍ଦ ଚାଉଳିଆ, କମଳାକାନ୍ତ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କରାଯାଇଛି।

## କୋଭିଡ୍ ସାମଗ୍ରୀ ପ୍ରଦାନ

**ଅନୁଗୋଳ ଅଫିସ,୧୪।୬**

ଅନୁଗୋଳ 'ହମ୍' ଗ୍ରୁପ୍ ପକ୍ଷରୁ ନୂଆ ସିଡିଏମ୍‌ଓ ଡା. ତ୍ରିଲୋଚନ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ କୋଭିଡ୍ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ସାମଗ୍ରୀ ମଧ୍ୟରେ କପଡା ମାସ୍କ, ସର୍ଜିକାଲ୍ ଗ୍ଲୋଭ୍ସ ଏବଂ ସାନିଟାଇଜର୍ ରହିଛି। ଏହା ପ୍ରଦାନ ବେଳେ 'ହମ୍' ଗ୍ରୁପ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟ ଚାଲୁ ରହିବ ବୋଲି କୁହାଯାଇଛି।

## ୨୪୦ ଜଣଙ୍କୁ ଟିକା

**ବଇଣ୍ଡା,୧୪।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ଓ ବିଲେଇନାଳି ପଞ୍ଚାୟତ ପରିସରରେ ସୋମବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କରୋନା ଟିକା ଦିଆଯାଇଛି। ବଇଣ୍ଡାଠାରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୭୦ ଜଣଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିଲା। ସେହିପରି ବିଲେଇନାଳିରେ ୧୭୦ ଜଣଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଛି।

## ରଜରେ ହାଉଯାଉ, ଗଣିଲେ ଜରିମାନା

**ଅନୁଗୋଳ ଅଫିସ, ୧୪।୬**


ଅମାନିଆଙ୍କଠାରୁ ପୋଲିସ ଜରିମାନା ଆଦାୟ କରୁଛି।

କରୋନା ବିପଦ ଟଳି ନ ଥିବାରୁ ଅନୁଗୋଳରେ ରଜ ପର୍ବ ପାଳନ ନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଅଯଥାରେ ବାହାରକୁ ନ ଆସି ଘରେ ରହିବାକୁ ଲୋକଙ୍କୁ ନିବେଦନ କରାଯାଇଥିଲା। କିନ୍ତୁ ବହୁ ଲୋକ କଟକଣାକୁ ଖାତିର ନ କରି ରଜ ପାଳିବାକୁ ବାହାରେ ବୁଲାବୁଲି କରିଥିଲେ। ବିଭିନ୍ନ ଛକରେ ରୁଣ୍ଡ ହୋଇ ଖଟି କରୁଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ପ୍ରଶାସନ ଓ ପୋଲିସ ହାବୁଡ଼ରେ ପଡ଼ି ଜରିମାନା ଗଣିଛନ୍ତି। ପ୍ରଶାସନ ଲଗାଇଥିବା କଟକଣାକୁ ସହରୀ ଲୋକମାନେ ସାମାନ୍ୟ ପାଳନ କରୁଛନ୍ତି। ହେଲେ ଗ୍ରାମାଞ୍ଚଳରେ ଲୋକେ ଏହାକୁ ଖାତିର କରିନାହାଁନ୍ତି। ଏପରି କି ପ୍ରଥମ ରଜରେ ରୁଣ୍ଡ ହୋଇ ତାସ୍, କବାଡ଼ି ଓ ଦୋଳି ଖେଳିଛନ୍ତି। ଏଥିଯୋଗୁ ଅନୁଗୋଳରେ ହ୍ରାସ ପାଉଥିବା କରୋନା ସଂକ୍ରମଣ ଆଗାମୀ ଦିନରେ ପୁଣି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏପରି ଖବରପାଇ ପ୍ରଶାସନ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। କିଏ ଗାଡ଼ି ଧରି ବୁଲାବୁଲି କରୁଥିଲେ ତ, ଆଉ କିଏ ଦୋକାନରେ ବସି ମଦ୍ୟପାନ କରୁଥିଲେ। କେବଳ ସେତିକି ନୁହେଁ, ପୂର୍ବାହ୍ନ ୧୧ଟା ପରେ ମଧ୍ୟ ରଜ ପାନ ପାଖରୁ ଆରମ୍ଭ କରି ତେଜରାତି ଦୋକାନ ସବୁ ଖୋଲିଥିଲା। ଫଳରେ ପ୍ରଶାସନ ଓ ପୋଲିସ ଟିମ୍ ସେମାନଙ୍କ ନିକଟରୁ ଜରିମାନା ଅଦାୟ କରିଥିଲା। ସହରାଞ୍ଚଳ ସହ ଗ୍ରାମାଞ୍ଚଳରୁ ଦିନକରେ ପାଖାପାଖି ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ସୋମବାର ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ବଇଣ୍ଡା ଛକରେ ଚଢାଉ କରାଯାଇ ୧୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ସାମାଜିକ ଦୂରତା ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି।

## ଠିକା ସଂସ୍ଥାକୁ ନୋଟିସ, କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ ଅଫିସ, ୧୪।୬**

■ ପୌର କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା
■ ନାଲି ଆଖି ଦେଖାଇଲେ ଠିକା ସଫେଇ କର୍ମଚାରୀ
■ ବାହାନା ଦେଖାଇ କଲେନି ସହର ସଫେଇ


କାର୍ଯ୍ୟ ବନ୍ଦ କରିଥିବା ସଫେଇ କର୍ମଚାରୀମାନେ।

ଅନୁଗୋଳ ସହର ସଫେଇ ଠିକ୍ ଭାବେ ହେଉନାହିଁ। କରୋନା ସମୟରେ ଅପରିଷ୍କାର ପରିବେଶକୁ ନେଇ ସହରବାସୀ ଆପତ୍ତି ଉଠାଇଛନ୍ତି। ଏ ନେଇ ଗତ ଶୁକ୍ରବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପୌର କର୍ତ୍ତୃପକ୍ଷ ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏପରି କି କାର୍ଯ୍ୟରେ ଅସହଯୋଗ ଅଭିଯୋଗରେ ଜଣେ ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରୁ ବିଦା କରିଥିଲେ। ତେବେ ଏପରି କାର୍ଯ୍ୟାନୁଷ୍ଠାନକୁ ନେଇ ସୋମବାର ସଫେଇ କର୍ମଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ସଫେଇ କାର୍ଯ୍ୟ ବନ୍ଦ କରି ପୌର କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଥିଲେ। ଫଳରେ ସହର ସଫେଇ ହୋଇପାରି ନ ଥିଲା। ଏହାପରେ ପୌର ନିର୍ବାହୀ ଅଧିକାରୀ ଆସି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସଫେଇ କର୍ମଚାରୀମାନେ ସେଠାରୁ ପଳାଇ ଯାଇଥିଲେ। ଠିକା ସଂସ୍ଥା ପ୍ରରୋଚନାରେ ସଫେଇ କର୍ମଚାରୀମାନେ ଏପରି କରିଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଉକ୍ତ ସଂସ୍ଥା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଦାୟିତ୍ୱରେ ଥିବା ଠିକା ସଂସ୍ଥାର ଜଣେ କର୍ମଚାରୀ କହିଛନ୍ତି, ସଫେଇ କର୍ମଚାରୀଙ୍କୁ କାଢ଼ିବା ଓ ଟିକା ନ ଦେବା କାରଣରୁ ଅନ୍ୟ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଏହା ପଛରେ ଠିକା ସଂସ୍ଥା କି ତାଙ୍କର ହାତ ନାହିଁ। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ପୌରାଞ୍ଚଳରେ ସୋମବାର ସଫେଇ ହୋଇନାହିଁ। ମଙ୍ଗଳବାରଠାରୁ ସଫେଇ କାର୍ଯ୍ୟ ଜାରି ରହିବ। ସଫେଇ କାର୍ଯ୍ୟ କିଭଳି ହେବ ତାହାକୁ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି। ସହର ସଫେଇ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଜଣେ ବିଭିନ୍ନ ସମୟରେ ଉସକାଉଥିଲେ। କାର୍ଯ୍ୟରେ ବାଧା ମଧ୍ୟ ସୃଷ୍ଟି କରୁଥିଲେ। ଏପରି କି ସଫେଇ କର୍ମଚାରୀଙ୍କୁ ଟିକା ପ୍ରଦାନ କରିବାକୁ କୁହାଯାଇଥିଲେ ମଧ୍ୟ ସମ୍ପୃକ୍ତ କର୍ମଚାରୀ ଜଣକ ଟିକା ନ ନେବା ପାଇଁ କହୁଥିଲେ। ତେଣୁ ତାଙ୍କୁ କାର୍ଯ୍ୟରୁ ବିଦା କରାଯାଇଛି ବୋଲି ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି। ଏଥିସହ ଅନ୍ୟ ସଫେଇ କର୍ମଚାରୀମାନେ କାର୍ଯ୍ୟ ଭଲଭାବେ କରିବେ ବୋଲି କହିଛନ୍ତି। ଆଗକୁ ସହର ସଫେଇ କାର୍ଯ୍ୟ ଯେପରି ବନ୍ଦ ନ ହୁଏ, ସେ ନେଇ ସଫେଇ କାର୍ଯ୍ୟ ବୁଝୁଥିବା ଠିକା କର୍ମଚାରୀଙ୍କୁ ଡାକି ତାଗିଦ୍ କରିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## ୨୨୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧୪।୬–** ଅନୁଗୋଳ ଜିଲାରୁ ସୋମବାର ୨୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ ସଂଖ୍ୟା ୩୮ ହଜାର ୬୪୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତମାନଙ୍କ ମଧ୍ୟରେ କଣିହାଁ ବ୍ଲକ ଅଞ୍ଚଳରୁ ସର୍ବାଧିକ ୩୭ ଜଣ, ବଣଁରପାଳ ବ୍ଲକ ଅଞ୍ଚଳରୁ ୩୧, ତାଳଚେର ବ୍ଲକ ଅଞ୍ଚଳରୁ ୨୯, ଅନୁଗୋଳ ବ୍ଲକ ଅଞ୍ଚଳରୁ ୨୭, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୨୩, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୨୨, କିଶୋରନଗର ବ୍ଲକ ଅଞ୍ଚଳରୁ ୧୯, ଅନୁଗୋଳ ପୌରାଞ୍ଚଳରୁ ୧୬, ତାଳଚେର ପୌରାଞ୍ଚଳରୁ ୧୨, ପାଲଲହଡା ବ୍ଲକ ଅଞ୍ଚଳରୁ ୮ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୨ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୮୧ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪୧୭ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଦିନକରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ଜିଲାରେ ୧୫୭ ଜଣ କରୋନାରେ ପ୍ରାଣ ହରାଇଥିବା ସୂଚନା ମିଳିଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ENGG/EE-2021/PET-CT/109 Dated: 14th Jun 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Electrical Wiring Items, Panel & Laying of Cable for Installation of PET-CT and Cyclotron equipment at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

## ସଂକ୍ଷେପରେ

### ସହର ରାସ୍ତାରେ ଟ୍ରକ୍ ଲାଇନ୍



କେନ୍ଦୁଝର, ୧୪।୬(ସ୍ୱ.ପ୍ର.): କେନ୍ଦୁଝର ସହରର ବିଭିନ୍ନ ରାସ୍ତାରେ ବିଭିନ୍ନ ପ୍ରକାର ଭାରିଯାନ ଦିନରାତି ଛିଡ଼ା ହୋଇ ରହୁଥିବାରୁ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣାର କାରଣ ହେଉଛି। କଲେଜ୍ ରୋଡ ସମେତ ଅନ୍ୟାନ୍ୟ ରାସ୍ତାରେ ଟ୍ରକ୍ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ରହୁଥିବାରୁ ଲୋକେ ଯାତାୟାତ କରିବାରେ ହଇରାଣ ମଧ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ପ୍ରଶାସନ ଚୁପ୍ ବସିଥିବାରୁ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ତୁରୁମୁଙ୍ଗା ଥାନା ଖୀରେଇଟାଙ୍ଗିରି ନିକଟରେ ଏନ୍ଏଚ୍ ୪୯ରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଏକ ବୋଲେରୋ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଣୁ ଏନେଇ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଚିକିତ୍ସାରେ ଅର୍ଥ ବାଧକ

ପାଟଣା,୧୪।୬(ସ୍ୱ. ପ୍ର.)
ଅସହାୟ ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ ସରକାର ବହୁ ସ୍ୱାସ୍ଥ୍ୟ ଯୋଜନା କରିଥିଲେ ହେଁ ୯୦ ପ୍ରତିଶତ ଭିନ୍ନକ୍ଷମ ରୋଗରେ ପୀଡିତ ହେବା ପରେ ସ୍ୱାସ୍ଥ୍ୟ ସେବା ପାଇବାରେ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଝାଟିପଡା ଗାଁର ଟୁଣ୍ଟୁ ନାଏକ (୪୭) ୧୦ ଦିନ ହେବ ପେଟ ଯନ୍ତ୍ରଣା ଭୋଗିବା ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କରିଥିଲେ। ତାଙ୍କ କିଡ୍ନୀରେ ଷ୍ଟୋନ ହୋଇଥିବା ଜଣାପଡ଼ିଥିଲା। ଜନ୍ମରୁ ତାଙ୍କର ୨ହାତ ନାହିଁ। ଘରେ ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ଝିଅ। ଘରେ ରୋଜଗାରକ୍ଷମ ବ୍ୟକ୍ତି କହିଲେ ତାଙ୍କୁ ହିଁ ବୁଝାଏ। କିନ୍ତୁ ଏବେ ଦେହ ଖରାପ ଥିବାରୁ ସେ କୌଣସି କାମ କରିପାରୁ ନାହାନ୍ତି। ସାହା କେବଳ ଭିନ୍ନକ୍ଷମ ଭତ୍ତା ଗଣ୍ଡାକ। ଏଭଳି ସ୍ଥଳେ ଅସ୍ତ୍ରୋପଚାର ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। କାହାଠାରୁ ସହାୟତା ନ ପାଇ ଘରେ ଯନ୍ତ୍ରଣା ଭୋଗୁ ଥିବା ବେଳେ ଗାଁ ଓ ସ୍ଥାନୀୟ କେତେକ ବ୍ୟକ୍ତିଙ୍କ ଠାରୁ ଆର୍ଥିକ ସହାୟତା ପାଇ ତାଙ୍କୁ ଶୁକ୍ରବାର କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସଠାରେ ତାଙ୍କର ପରୀକ୍ଷା ପରେ ହୃଦ୍‌ରୋଗ ଥିବାର ଜଣା ପଡିଛି। ଏକାସଙ୍ଗେ ଦୁଇ ଦୁଇଟି ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଦରକାର। ସେଥିପାଇଁ ସେ ଭାଙ୍ଗିପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

### ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

କେନ୍ଦୁଝର, ୧୪।୬(ଡି.ଏନ୍.ଏ.): କେନ୍ଦୁଝର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ବିଶ୍ୱ ରକ୍ତଦାତା ଦିବସ କୋଭିଡ-୧୯ ମାର୍ଗଦର୍ଶିକା ଅନୁପାଳନ ସହିତ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. କାର୍ଲଲାଣ୍ଡଷ୍ଟେନଙ୍କ ସ୍ମୃତିଚାରଣ କରିବା ସହ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ରକ୍ତଦାନ ନିମନ୍ତେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ରମାକାନ୍ତ ମୁଣ୍ଡା, ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପୀତବାସ ମିଶ୍ର, ଡିପିଏମ୍ ଦିଲ୍ଲୀପ କୁମାର ଦୁବେ, ଜିଲା ରେଡକ୍ରସ ଯୁଗ୍ମ ସଂପାଦକ ଏଆର୍ ଖାନଙ୍କ ସମେତ ବହୁ ଡାକ୍ତର ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

### ଆକାଉଣ୍ଟରୁ ୬୯ହଜାର ୫ଶହ ଠକେଇ

କପ୍ତିପଦା,୧୪।୬(ଡ଼ି.ଏନ୍.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜୟଘୁଣ୍ଟିଆ ଗ୍ରାମର ଦେବାଶିଷ ପ୍ରିୟଦର୍ଶୀ ବେହେରା ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ଠକମାନେ ୬୯ ହଜାର ୫ଶହ ଟଙ୍କା ଉଠାଇ ନେଇଛନ୍ତି। ସେ ଅନୁଗୋଳରେ ରହୁଥିବାରୁ ଏ ସଂକ୍ରାନ୍ତରେ ସେଠାକାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଅନୁଗୋଳ ପୋଲିସ ଏକ ମାମଲା(ନଂ.୩୦୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଦେବାଶିଷ ତାଙ୍କ ମୋବାଇଲ୍ ସିମ୍ କେୱାଇସି ଅପଡେଟ୍ କରିବାକୁ ଯାଇ ଏହି ଠକାମିର ଶିକାର ହୋଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି।

# ଦାବି ଉପରେ ପଦକ୍ଷେପ ନିଆଯାଉନି

## ରାଜସ୍ୱ ଅମଲା ସଂଘର ଅସନ୍ତୋଷ

ଢେଙ୍କାନାଳ ଅଫିସ,୧୪।୬

ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ସଂଘ ଢେଙ୍କାନାଳ ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ସଂଘର ଦାବି ଗୁଡିକୁ ନେଇ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଚୁକ୍ତିଭିତ୍ତିକ ନିଯୁକ୍ତିକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସଂଘ ପକ୍ଷରୁ କୁହାଯାଇଛି, ଚୁକ୍ତିଭିତ୍ତିକ କର୍ମଚାରୀ ପରେ ନିୟମିତ ହୋଇ ସମାନ ଦାୟିତ୍ୱ ଓ ସମାନ କାମ କରିଥାନ୍ତି। କିନ୍ତୁ ସରକାର ଆରମ୍ଭରୁ ୬ବର୍ଷ ପର୍ଯ୍ୟନ୍ତ କମ୍ ଦରମା ଦେଇଥାନ୍ତି। ୬ବର୍ଷ ପରେ ସେମାନେ ନିୟମିତ କର୍ମଚାରୀ ମାନ୍ୟତା ପାଇଥାନ୍ତି । ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମାନ କାମକୁ ସମାନ ଦରମା ନ୍ୟାୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମ ପ୍ରତ୍ୟାହାର ପାଇଁ ସରକାରଙ୍କ ନିକଟରେ ଦାବି ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜସ୍ୱ ଅମଲାମାନେ ଭିନ୍ନ ଭିନ୍ନ ପରିସ୍ଥିତିରେ ବିଭିନ୍ନ ଦପ୍ତରରେ କାମ କରିଥାନ୍ତି। କେନ୍ଦ୍ର ସରକାରଙ୍କ ନିର୍ବାଚନ ହେଉ କି ଜନଗଣନା କିମ୍ବା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଏପରିକି ରାଜ୍ୟ ସରକାରଙ୍କ ୩୨ଗୋଟି ବିଭାଗରେ ସେମାନେ କାର୍ଯ୍ୟ କରିଥାନ୍ତି। ବନ୍ୟା, ବାତ୍ୟା ଏବଂ ଯେକୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସେବାରେ ନିୟୋଜିତ ହୋଇଥାନ୍ତି। ସେଥିପାଇଁ ଓଡ଼ିଶାର ରାଜସ୍ୱ ଅମଲାମାନଙ୍କୁ ସ୍ୱତନ୍ତ୍ର ପାହ୍ୟାର ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ପୁନଶ୍ଚ ଦାବି ରଖାଯିବ। କୋଭିଡରେ ସଂକ୍ରମିତ ହୋଇ ଓଡ଼ିଶାର ୬୦ରୁ ଅଧିକ ରାଜସ୍ୱ ଅମଲା କର୍ମଚାରୀ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିବା ସହିତ ସରକାରଙ୍କ ଦ୍ୱାରା ଘୋଷିତ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ଏବଂ ସେମାନଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବା ପାଇଁ ଦାବି କରାଯାଇଥିଲା। ଏଥିସହ ୨୨ ମେ ୨୦୧୮ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକର ନିଷ୍ପତ୍ତିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିଲା। ଜିଲାର ସମସ୍ତ ବିଭାଗର ସେକ୍ସନ ଅଫିସରଙ୍କୁ ନେଇ ବରିଷ୍ଠ ତାଲିକା ପ୍ରସ୍ତୁତ କରି ପଦୋନ୍ନତି ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାଦ୍ୱାରା ଜିଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ମନରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାରଙ୍କ ଏହି ନିଷ୍ପତ୍ତିକୁ ସଂଘ ତୀବ୍ର ବିରୋଧ କରିବା ସହିତ ପ୍ରତ୍ୟାହାର କରିବାକୁ ଦାବି କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣରେ ବିଳମ୍ବ ହେଉଛି। ତେଣୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସଭାପତି ତ୍ରିପତୀ ବାଲାଜୀ ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ନାୟକ, ଢେଙ୍କାନାଳ ଜିଲା ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ସମ୍ପାଦକ ପ୍ରକାଶ ସ୍ୱାଇଁ, ରାୟଗଡା ଜିଲା ସଭାପତି ମନୋଜ କୁମାର ରଥ, ସମ୍ପାଦକ ମୁରଲି ମୋହନ ପଣ୍ଡା, ଅନିତା ଦାସ, କୋରାପୁଟ ଜିଲା ସଭାପତି ମନୋଜ କୁମାର ବାରିକ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ମାଲକାନଗିରି ସଭାପତି ବସନ୍ତ କୁମାର ପଣ୍ଡା, ସମ୍ପାଦକ ଶିଶିଭୂଷଣ ସେଠୀଙ୍କ ସମେତ ସମସ୍ତ ଜିଲାର ସଭାପତି, ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ବୋଲି ଢେଙ୍କାନାଳ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ‘ରକ୍ତଦାନ ଆନ୍ଦୋଳନ ବ୍ୟାପକ ହେଉ’



ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜିଲାପାଳଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ ଅଫିସ,୧୪।୬

ଢେଙ୍କାନାଳ ଜିଲା ରେଡ୍‌କ୍ରସ୍ ଶାଖା ପକ୍ଷରୁ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରଠାରେ ସୋମବାର ଜିଲାସ୍ତରୀୟ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଶିବିରରେ ୨୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଯୋଗଦେଇ ସମସ୍ତଙ୍କ ସହଯୋଗରେ ରକ୍ତଦାନ ଆନ୍ଦୋଳନ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଢେଙ୍କାନାଳ ଜିଲା ସମଗ୍ର ରାଜ୍ୟରେ ଶ୍ରେଷ୍ଠତ୍ୱ ବଜାୟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ। ସାମ୍ପ୍ରତିକ କରୋନା କଟକଣା ଯୋଗୁ ସ୍ୱେଚ୍ଛାକୃତ ରକ୍ତଦାତାମାନେ ଶିବିର ଅପେକ୍ଷା ସ୍ୱତଃପ୍ରବୃତ୍ତ ଭାବେ ଜିଲା ରକ୍ତଭଣ୍ଡାରକୁ ଆସି ରକ୍ତଦାନ କରି ଅମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ହିଁ ସୁରକ୍ଷା କାର୍ଯ୍ୟକ୍ରମରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ, ରୋଗୀ ସେବାରେ ନିୟୋଜିତ ହେଲ୍‌ପ ଡେସ୍କ ସହାୟକ ମାନଙ୍କୁ ଜିଲାପାଳ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଜିଲା ରେଡକ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି ଯୋଗ ଦେଇଥିଲେ। ରେଡକ୍ରସ ରାପିଡ ରେସପନ୍ସ ଗ୍ରୁପର ଜିଲା ସଂଯୋଜକ ରାଜ କିଶୋର ବେହେରା ପରିଚାଳନା କରିଥିଲେ।

# ୧୪୪ ଆକ୍ରାନ୍ତ, ଜଣେ ମୃତ

ଢେଙ୍କାନାଳ ଅଫିସ,୧୪।୬

ଢେଙ୍କାନାଳ ଜିଲାରେ ସୋମବାର ୧୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତମାନଙ୍କ ମଧ୍ୟରୁ ହିନ୍ଦୋଳ ବ୍ଲକରେ ୪୮, ଗଁଦିଆ ବ୍ଲକରେ ୨୨, ସଦର ବ୍ଲକରେ ୧୯, ଓଡାପଡା ବ୍ଲକରେ ୧୭, କାମାକ୍ଷାନଗର ବ୍ଲକରେ ୧୦ ଓ ଏନଏସିରେ ୨, ପରଜଙ୍ଗ ବ୍ଲକରେ ୮, ଭୁବନ ବ୍ଲକରେ ୭ ଓ ଏନ୍ଏସିରେ ୧, ଢେଙ୍କାନାଳ ପୌରାଞ୍ଚଳରେ ୭, କଙ୍କଡାହାଡ ବ୍ଲକରେ ୨ଜଣ ଓ ଅନ୍ୟ ଚିକିତ୍ସାଳୟରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୪୯୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ କାମାକ୍ଷାଗର ବ୍ଲକ ବିଜାଡିହ ଗ୍ରାମର ଜଣେ ୭୭ବର୍ଷର ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ୍ ମୃତ୍ୟୁ ସଂଖ୍ୟା ୫୩ରେ ପହଞ୍ଚିଛି। ସୋମବାର ୧୪୬୯ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ବେଳେ ଜିଲାରେ ମୋଟ ଟେଷ୍ଟିଂ ସଂଖ୍ୟା ୩ ଲକ୍ଷ ୧୫ ହଜାର ୧୫୯ରେ ପହଞ୍ଚିଛି। ଏଥିରୁ ୧୬ ହଜାର ୨୬୧ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୪ ହଜାର ୩୧୧ ସୁସ୍ଥ ହୋଇସାରିଛନ୍ତି। ଏବେ ଜିଲାରେ ୧୮୯୭ ଜଣ ସଂକ୍ରମିତ ଚିକିତ୍ସାଧୀନ ଅଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ହିନ୍ଦୋଳ ବ୍ଲକ ଖଲିବୋରେଇ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମ ଏବଂ ଗଁଦିଆ ବ୍ଲକ ସୋରିଷିଆପଦା ପଞ୍ଚାୟତର ମହିଷାକଡା ଗ୍ରାମକୁ ୧୪ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

## ଫଟୋରେ ଖବର...



ପହିଲି ରଜ ଅବସରରେ ଅନୁଗୋଳ ସହରରେ ଝିଅମାନେ ଦୋଳି ଖେଳୁଛନ୍ତି। ଫଟୋ- (ବୁବୁ)

# ବାଇକ୍ ଆରୋହୀ ମୃତ

କାମାକ୍ଷାନଗର,୧୪।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା କଙ୍କଡାହାଡ଼-ଗଡ଼ପଳାଶୁଣୀ ରାସ୍ତାର ଭଦଳିଆ ନିକଟରେ ସୋମବାର ଏକ କଲଭର୍ଟରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଣ୍ଟାପାଳ ୨ନଂ କଲୋନୀର ଦେବରଞ୍ଜନ ବିଶ୍ୱାଳ (୪୦)। ଦେବରଞ୍ଜନ ବାଇକ୍ ଯୋଗେ ନିଜ ଗ୍ରାମରୁ କୌଣସି କାମରେ କଙ୍କଡାହାଡ଼ ଯାଉଥିଲେ। ଏହି ସମୟରେ ଭଦଳିଆ ନିକଟରେ ସେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା କଲଭର୍ଟରେ ପିଟି ହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଖବରପାଇ କଙ୍କଡାହାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଏନ୍ଏଚ୍ଆର୍‌ସିଙ୍କ ନିକଟରେ ପିଟିଶନ

## ଓଡ଼ିଶାରେ ଏକ୍‌ମୋ ଚିକିତ୍ସା ଦାବି

ଢେଙ୍କାନାଳ ଅଫିସ,୧୪।୬

ମହାମାରୀ ବେଳେ ରାଜ୍ୟରେ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନି। ଫଳରେ ଦୈନିକ ବହୁ ଲୋକଙ୍କ ଜୀବନ ନେଉଛି କରୋନା। ନିକଟରେ କରୋନା ସଂକ୍ରମିତ ଢେଙ୍କାନାଳର ଯୁବକ ସମ୍ବିତ୍ ନନ୍ଦ ଏକ୍‌ମୋ ଚିକିତ୍ସା ଅଭାବରୁ ପ୍ରାଣ ହରାଇଛନ୍ତି। ଏହି ଚିକିତ୍ସା ଓଡ଼ିଶାରେ ଉପଲବ୍ଧ ନ ଥିବାରୁ ଏଥିପାଇଁ ରାଜ୍ୟ ବାହାରକୁ ଯିବାକୁ ପଡୁଛି। ୫୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। ଓଡ଼ିଶାର ଗରିବ ଓ ମଧ୍ୟବିତ୍ତ ପରିବାର ପକ୍ଷରୁ ଏତେ ଟଙ୍କା ଯୋଗାଡ କରିବାର ସମ୍ଭବ ହୋଇପାରୁନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଏ ନେଇ ଅର୍ଥ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଅକାଳରେ ବହୁ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହାକୁ ନେଇ ଓଡ଼ିଶା ପ୍ରଗତି ଦଳ (ଓପିଡି) ତରଫରୁ ଉଦ୍‌ବେଗ ପ୍ରକାଶ କରାଯିବା ସହ ଏକ୍‌ମୋ ଚିକିତ୍ସା ଓଡ଼ିଶାରେ ଉପଲବ୍ଧ କରିବା ଦାବିରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ନିକଟରେ ପିଟିଶନ ଦାଖଲ କରାଯାଇଛି। ଓପିଡି ରାଜ୍ୟ ସମ୍ପାଦକ ନୁରୁଲ୍ ଇସ୍‌ଲାମ୍ ଆଡ୍‌ଭୋକେଟ୍ ବୈକୁଣ୍ଠନାଥ ଦ୍ୱିବେଦୀଙ୍କ ଜରିଆରେ ଏହି ମାମଲା (ନଂ-୯୮୫୯/୨୦୨୧) ଦାଖଲ କରିଥିବା ନେଇ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ୭୪ ୟୁନିଟ୍ ରକ୍ତ ସଂଗ୍ରହ

ପରଜଙ୍ଗ,୧୪।୬(ଡି.ଏନ.ଏ.)

ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସୋମବାର ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟଠାରେ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ଅସିତ୍ କୁମାର ରାୟ ଚୌଧୁରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଆନ୍ଦା ସରପଞ୍ଚ ଗୌତମ ପାଣି, ବିଜୁ ଛାତ୍ର ଜନତା ଦଳର ଜିଲା ସମ୍ପାଦକ ଦିନେଶ କୁମାର ପାଣି, ସୁନୀଲ ପାଣି, ସିତାଂଶୁ ପଣ୍ଡା ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ପରିଷଦ ସଭ୍ୟା ମମତା ପାଣି, ବ୍ଲକ ବିଜୁ ଛାତ୍ର ସଭାପତି ପ୍ରିୟଜିତ ସାମଲ, ରାକେଶ ପଣ୍ଡା, ପ୍ରସନ୍ନ ପଣ୍ଡା, ସୁରଜ ପଣ୍ଡା, ସାଗର ପଣ୍ଡା, ଦେବାଶିଷ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ପାଟରପଦା ପଞ୍ଚାୟତର କମର ଗ୍ରାମରୁ ଅଧିକ ସଂଖ୍ୟକ ରକ୍ତଦାତା ଅଂଶଗ୍ରହଣ କରିଥିଲେ।

# ସାପ୍ତାହିକ ହାଟରେ କଟକଣା ଉଲ୍ଲଂଘନ

କାମାକ୍ଷାନଗର,୧୪।୬(ଡି.ଏନ.ଏ.)

ମହାମାରୀ କରୋନା ପାଇଁ ସରକାର ସାପ୍ତାହିକ ହାଟକୁ ବନ୍ଦ କରିଛନ୍ତି। ହେଲେ ଢେଙ୍କାନାଳ ଜିଲା କମାକ୍ଷାନଗର ସାପ୍ତାହିକ ହାଟରେ ସୋମବାର ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। କୋଭିଡ୍ କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରି ବ୍ୟବସାୟୀମାନେ ବ୍ୟବସାୟ କରୁଥିବା ଦେଖାଯାଇଛି।

କାମାକ୍ଷାନଗର ହନୁମାନ ବଜାର ନିକଟରେ ପ୍ରତ୍ୟେକ ସୋମବାର ସାପ୍ତାହିକ ହାଟ ବସେ। ସୋମବାର ସକାଳୁ ଦୋକାନ ଗୁଡ଼ିକ ଖୋଲିବା କ୍ଷଣି ଲୋକଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ହାଟ ଚାଲିବା ପରେ ବି କୌଣସି ସରକାରୀ ଅଧିକାରୀଙ୍କ ଦେଖା ନ ଥିଲା। ହାଟ ନିକଟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବ୍ଲକ, ତହସିଲ, ଥାନା ଓ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। କିନ୍ତୁ କୌଣସି ଅଧିକାରୀଙ୍କ ଏଥିପ୍ରତି ନିଘା ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ରଜ ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାରୁ କୌଣସି ଅଧିକାରୀଙ୍କ ମତାମତ ମିଳି ନାହିଁ।



କାମାକ୍ଷାନଗର ସାପ୍ତାହିକ ହାଟରେ ଲୋକଙ୍କ ଗହଳି ଜମିଛି।

# ପୋଡ଼ପିଠା ଖାଇଲେ, ଦୋଳି ଖେଳିଲେ




ପହିଲି ରଜରେ ପିଲାମାନେ ଦୋଳି ଖେଳୁଛନ୍ତି।

ଢେଙ୍କାନାଳ ଅଫିସ,୧୪।୬

ଢେଙ୍କାନାଳରେ କୋଭିଡ କଟକଣା ମଧ୍ୟରେ ନିରାଡମ୍ବର ଭାବେ ରଜପର୍ବ ପାଳିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦେବଦେବୀ ପୀଠ ଦର୍ଶନ ବାରଣ ହୋଇଥିବାବେଳେ ଘରେ ଘରେ ପିଠାପଣାର ମହକ ଜମିଛି। ସେହିପରି ପ୍ରତିବର୍ଷ ଭଳି ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଆଶ୍ରମ ପରିସରରେ କୋଭିଡ୍ କଟକଣା ମଧ୍ୟରେ ରଜପର୍ବ ପାଳିତ ହୋଇଯାଇଛି। ଶିଶୁ ଗୃହର ୧୦୦ ଶିଶୁ ଅନ୍ତେବାସୀ ନୂଆ ପୋଷାକ ପିନ୍ଧି ଦୋଳି ଖେଳିବା ସହ ପୋଡପିଠା କାଟି ଖାଇଥିଲେ। ଚଳିତବର୍ଷ ଶିଶୁମାନଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ଦୁଇଟି ଦୋଳିର ଆୟୋଜନ ହୋଇଥିଲା। ୫୦ କେଜି ଲେଖାଏଁ ୩ଟି ପୋଡପିଠା ମଧ୍ୟ ହୋଇଥିଲା। ସେହିପରି ଅନୁଷ୍ଠାନର ନିକଟରେ ଥିବା ଜରାଶ୍ରମ ପରିସରରେ ବୟସ୍କ ବୃଦ୍ଧା ଓ ବୃଦ୍ଧମାନେ ଦୁଇଟି ଦୋଳିରେ ଖେଳିବା ସହ ପୋଡପିଠା ଖାଇଥିଲେ। ଏହି ଅନୁଷ୍ଠାନରେ ୩୦ ଜଣ ମହିଳା ଓ ୨୫ଜଣ ପୁରୁଷ ରହିଛନ୍ତି। ଚଳିତବର୍ଷ କୋଭିଡ କଟକଣା ଯୋଗୁ ନାଚ ଗୀତ ସହ ପୁଚିଖେଳ, ରଜପାନ, ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଭାସମିତି ବାରଣ କରାଯାଇଥିଲା ବୋଲି ଅନୁଷ୍ଠାନର ସଭାପତି ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।

# ଶିଶୁ ଗୃହରେ ରଜମଉଜ

ଢେଙ୍କାନାଳ ଅଫିସ,୧୪।୬

ଢେଙ୍କାନାଳ ସଦର ବ୍ଲକ ବଳଦିଆବନ୍ଧ ପଞ୍ଚାୟତ ମହୁଲପଡା ଗ୍ରାମରେ ଥିବା ବିଶ୍ୱ କୁନ୍ତଳ ଶିଶୁ ଗୃହ ପରିସରରେ ଢେଙ୍କାନାଳ ଜିଲା ସକ୍ରିୟ ନାଗରିକ ପରିଷଦ ସହଯୋଗରେ ସୋମବାର ରଜ ଉତ୍ସବ ପାଳିତ ହୋଇଛି। ଇନ୍ଦିରା ସମାଜ ମଙ୍ଗଳ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଏହି ଶିଶୁ ଗୃହରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ୪୪ଜଣ ଛାତ୍ରୀଛାତ୍ର ଅଛନ୍ତି। ରଜ ଉତ୍ସବର ପ୍ରଥମ ଦିନରେ ଶିଶୁଗୃହର ଅନ୍ତେବାସୀ ଛାତ୍ରୀଛାତ୍ର ନୂଆ ପୋଷାକ ପରିଧାନ କରି କ୍ୟାମ୍ପସ୍ ପରିସରକୁ ପତାକା ବାନ୍ଧି ସଜାଇ ଥିଲେ। ଏହାପରେ ଗଛ ଡାଳରେ ରଜ ଉପଲକ୍ଷେ ବାଉଁସ ବାନ୍ଧି ପଟ୍ଟା ଦୋଳିର ମଜା ଉଠାଇଥିଲେ। ଅନ୍ତେବାସୀଙ୍କୁ ପୋଡପିଠା, ବରା ଓ ପାଚିଲା ଆମ୍ବ ବଣ୍ଟନ କରାଯାଇଥିଲା। ଜିଲା ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ଅଖିଳ ମହାପାତ୍ର, ସମ୍ପାଦକ ମଳୟ ପାଣିଗ୍ରାହୀ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ, ସଭ୍ୟ ନଡିଆଳିର କ୍ଷେତ୍ର ମୋହନ ସାହୁ, ଶଶିଭୂଷଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳୀ ଜେନା, ସହଯୋଗୀ ସର୍ବେଶ୍ୱର ମଲ୍ଲିକ ପରିଚାଳନା କରିଥିଲେ।



ପିଲାମାନଙ୍କୁ ରଜପିଠା ବଣ୍ଟନ କରାଯାଉଛି

# କୁସୁମୁଣ୍ଡିଆରେ କୁଆଁରୀ ବିବାହ



କାମାକ୍ଷାନଗର,୧୪।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କଣ୍ଟାପାଳ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମରେ ରଜ ଅବସରରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି। ସବୁବର୍ଷ ପରି ଏହି ଗ୍ରାମରେ ୨ କୁଆଁରୀ ଝିଅଙ୍କ ବାହାଘର ସମ୍ପନ୍ନ ହୋଇଛି। ଓଡ଼ିଆ ରୀତିନୀତି ଓ ପରମ୍ପରା ଅନୁସାରେ ଏହି ବିବାହ କାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ କୋଭିଡ଼ କଟକଣା ମଧ୍ୟରେ ୫ରୁ ୬ ଜଣ ଉପସ୍ଥିତ ରହି ବିବାହ କାର୍ଯ୍ୟ ସମାପନ କରିଥିଲେ।

